## ସଂକ୍ଷେପରେ

### ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ

**ବଇଣ୍ଡା, ୨୦।୬(ଡି.ଏନ.ଏ.):** କିଶୋରନଗର ଥାନା ବାଦିରିନାଳି ଗ୍ରାମର ରାକେଶ ଜେନାମଣିଙ୍କୁ ସେହି ଗ୍ରାମର ସୁଶାନ୍ତ ଜେନାମଣି ଓ ନିତ୍ୟାନନ୍ଦ ଜେନାମଣି ଏକ ଟାଙ୍ଗିଆରେ ଆକ୍ରମଣ କରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ରାକେଶଙ୍କ ମା’ ଯାମିନୀ ଜେନାମଣିଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୮୭/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ରାକେଶ ଓ ସୁଶାନ୍ତଙ୍କ ପରିବାର ମଧରେ ପୂର୍ବରୁ ଜମିବାଡିକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ଏହାକୁ କେନ୍ଦ୍ର କରି ସୁଶାନ୍ତ ଓ ନିତ୍ୟାନନ୍ଦ ଟାଙ୍ଗିଆ ଧରି ରାକେଶଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ସରପଞ୍ଚଙ୍କ ନାମରେ ମାମଲା

**ବଇଣ୍ଡା,୨୦।୬(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ମଇମୁରା ସରପଞ୍ଚ ସତ୍ୟାନନ୍ଦ ରାଉତଙ୍କ ନାମରେ ରବିବାର ଠାକୁରଗଡ ଥାନାରେ ଏକ ମାମଲା ରୁଜୁ ହୋଇଛି। ଆମ୍ବସରମୁଣ୍ଡା ଗ୍ରାମର କରୁଣାକର ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୫୦/୨୧ରେ ଏହି ମାମଲା ରୁଜୁ କରିଛି। ପୋଲିସ କହିଛି, କରୁଣାକର ଏକ ୱେବ୍ ଚ୍ୟାନେଲରେ ଖବରଦାତା ଭାବେ କାର୍ଯ୍ୟ କରୁଛନ୍ତି। ମଇମୁରା ପଞ୍ଚାୟତର କେତୋଟି ଗ୍ରାମକୁ ସେ ଖବର ସଂଗ୍ରହ ପାଇଁ ଯାଇଥିବାବେଳେ ସରପଞ୍ଚ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ପରଙ୍ଗ ଗ୍ରାମ ସାନିଟାଇଜ୍

**ଛେଣ୍ଡିପଦା,୨୦।୬(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ପରଙ୍ଗ ଗ୍ରାମରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଭିନ୍ନ ସ୍ଥାନକୁ ସାନିଟାଇଜ୍ କରାଯାଇଛି। ଗ୍ରାମରେ ଥିବା ସିଟି ଉଚ୍ଚବିଦ୍ୟାଳୟ, ଯାତ୍ରୀ ବିଶ୍ରାମାଗାର, କୋଠଘର, କାମନା ଘର, ହିଙ୍ଗୁଳା ମନ୍ଦିର, ପିତାବଳୀ ମନ୍ଦିର ଆଦି ସ୍ଥାନକୁ ସାନିଟାଇଜ୍ କରାଯାଇଛି। ଅଗ୍ରଣୀ ଅନୁଷ୍ଠାନ ମାତୃଭାଷା ମନ୍ଦିର ପକ୍ଷରୁ ସମ୍ପାଦକ ଅନନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ସଭାପତି ବ୍ରଜବନ୍ଧୁ ବେହେରା, ଉପସଭାପତି ନିତ୍ୟାନନ୍ଦ ଶାସମଲ, ସହସମ୍ପାଦକ ମିଥୁନ ମହାକୁଡ, କୋଷାଧକ୍ଷ ଆଲୋକ କରଣ ଓ ସହଦେବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ଭର୍ଚୁଆଲ ବୈଠକ

**ଢେଙ୍କାନାଳ ଅଫିସ, ୨୦।୬:** ନିଖିଳ ଉତ୍କଳ ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସଙ୍ଗଠନର ଭର୍ଚୁଆଲ ବୈଠକ ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ଅଚ୍ୟୁତାନନ୍ଦ ସାମଲ, ଢେଙ୍କାନାଳ ଜିଲାର ହରିହର ସାହୁ, ମନୋଜ ମଞ୍ଜରୀ ଲେଙ୍କା, ନିହାରବାଳା ରାଉତ, ଦୀପ୍ତିମୟୀ ଲେଙ୍କା, ଏବିଇଓ ଜ୍ୟୋତିର୍ମୟୀ ନାଥ, ସୌଦାମିନୀ ଦେହୁରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସରକାରୀ ସେବାକାଳ ୨ ବର୍ଷ ବୃଦ୍ଧି, ଦୁଇଟି ଇନ୍‌କ୍ରିମେଣ୍ଟ ଦେବା ଲାଗି ସରକାରଙ୍କୁ ଅନୁରୋଧ କରାଯାଇଥିବା ରାଜ୍ୟ ସଙ୍ଗଠନ ଯୁଗ୍ମ ସମ୍ପାଦକ ହରିହର ସାହୁ ଜଣାଇଛନ୍ତି।

### କିନ୍ନରଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ

**ଅନୁଗୋଳ ଅଫିସ, ୨୦।୬:** ଅନୁଗୋଳ ହେମସୁରପଡ଼ା ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ଠାରେ କିନ୍ନରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସାମାଜିକ ଅନୁଷ୍ଠାନ ଫାଉଣ୍ଡେଶନ୍ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍‌ଇଏସ୍) ପକ୍ଷରୁ ଏହା ବଣ୍ଟନ କରାଯାଇଥିଲା। କରୋନା ମହାମାରୀ ସମୟରେ କିନ୍ନରମାନେ ରୋଜଗାର ହରାଇ ଦୁର୍ଦ୍ଦିନରେ ଗତି କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ୬୭ ଜଣ କିନ୍ନରଙ୍କୁ ଏଫ୍‌ଇଏସ୍ ପକ୍ଷରୁ ଚାଉଳ, ଚୁଡ଼ା, ତେଲ, ଚିନି, ଡାଲି, ଆଳୁ, ପିଆଜ, ମସଲା ଆଦି ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଏଫ୍‌ଇଏସ୍ ମୁଖ୍ୟ ସ୍ୱପ୍ନାଶ୍ରୀ ଷଡ଼ଙ୍ଗୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ସମୟରେ ଉପଜିଲାପାଳ କିନ୍ନରମାନଙ୍କୁ କରୋନା ମହାମାରୀରୁ କିପରି ରକ୍ଷା ପାଇହେବ ସେ ସମ୍ପର୍କରେ ସଚେତନ କରିଥିଲେ। ଏଭଳି କି ଟିକାକରଣ ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହ କରୋନା କଟକଣା ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ବର୍ଷା ଋତୁ ଆରମ୍ଭ ହୋଇଯାଇଥିବାରୁ ନିଜ ଅଞ୍ଚଳକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ଜରୁରୀ ବୋଲି ଉପଜିଲାପାଳ କିନ୍ନରମାନଙ୍କୁ ଅବଗତ କରିଥିଲେ।

# ନେଟ୍‌ୱର୍କ ପାଇବାକୁ ନୟାନ୍ତ

**ବଇଣ୍ଡା,୨୦।୬ (ପରିକ୍ଷିତ ସାହୁ)**


ଆଧାର ଲିଙ୍କ୍ ପାଇଁ ଗୋଳାସର ଗ୍ରାମବାସୀ ନିକଟସ୍ଥ ପାହାଡ଼ ଉପରେ କାର୍ଡଧରି ବସିଛନ୍ତି।

- କିଶୋରନଗର ବ୍ଲକର ୧୭ ଗାଁରେ ମିଳୁନି ମୋବାଇଲ ସେବା
- ରାଶନ ଲିଙ୍କ୍ ନିମନ୍ତେ ଡିଲରଙ୍କ ସହ କାର୍ଡଧାରୀ ଚଢ଼ୁଛନ୍ତି ପାହାଡ଼
- ଆସୁନି ସରକାରୀ ସୂଚନା, ଅନ୍‌ଲାଇନ୍ କ୍ଲାସରୁ ପିଲା ବଞ୍ଚିତ

ପୂର୍ବରୁ କେବଳ ଯୋଗାଯୋଗର ମାଧ୍ୟମ ଥିବା ମୋବାଇଲ ଏବେ ଏକ ଜରୁରୀ ଆବଶ୍ୟକତା ହୋଇଯାଇଛି। ସ୍ମାର୍ଟ ତଥା ବ୍ୟସ୍ତ ଜୀବନର ତ ଏହା ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପାଲଟିଯାଇଛି। ବିମାନ ଟିକେଟ୍ ହେଉ କି ବ୍ୟାଙ୍କ ସେବା, ବହୁ କଷ୍ଟକର କାର୍ଯ୍ୟ ମଧ ଘରେ ବସି ଅତି ସହଜରେ ମୋବାଇଲରେ ଇଣ୍ଟରନେଟ୍ ଦ୍ୱାରା କରାଯାଇପାରୁଛି। ଶିକ୍ଷିତବର୍ଗ କିମ୍ବା ସହରୀଙ୍କ ନିକଟରେ ଏହା ଆଉ ସୀମିତ ହୋଇ ରହିନାହିଁ। ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀ ହେବାକୁ ଗ୍ରାମାଞ୍ଚଳର ସାଧାରଣ ଖଟିଖିଆ, ଗରିବ ଦିନମଜୁରିଆଙ୍କ ନିମନ୍ତେ ମୋବାଇଲ ନିହାତି ଜରୁରୀ ହୋଇପଡ଼ିଛି। କିନ୍ତୁ ଆଜିର ଡିଜିଟାଲ ଯୁଗରେ ମଧ ବହୁ ଗ୍ରାମବାସୀ ଏହି ସେବାରୁ ବଞ୍ଚିତ ରହିଛନ୍ତି। ଅନୁଗୋଳ ଜିଲା କିଶୋରନଗର ବ୍ଲକର ୧୭ଟି ଗାଁରେ ମୋବାଇଲ ନେଟ୍‌ୱର୍କ ଆସୁ ନ ଥିବାରୁ ଏଠାକାର ରାଶନ କାର୍ଡଧାରୀଙ୍କୁ ଆଧାର ଲିଙ୍କ୍ ପାଇଁ କେତେବେଳେ ଡିଲରଙ୍କ ସହ ପାହାଡ଼ ଚଢ଼ିବାକୁ ହେଉଛି ତ ଆଉ କେତେବେଳେ ଦୂର ଗାଁକୁ ଯିବାକୁ ପଡୁଛି। ଏସ୍‌ଏମ୍‌ଏସ୍ ଦ୍ୱାରା ଆସୁଥିବା ସରକାରଙ୍କ ବିଭିନ୍ନ ଯୋଜନାର ସୂଚନା ଓ ସମ୍ଭାବ୍ୟ ବିପଦ ସମ୍ପର୍କିତ ବାର୍ତ୍ତା ସେମାନଙ୍କୁ ମିଳିପାରୁ ନାହିଁ। ମହାମାରୀ ବେଳେ ଏସବୁ ଗାଁର ପିଲା ଅନ୍‌ଲାଇନ୍‌ରେ ଶିକ୍ଷା ପାଇପାରୁ ନାହାନ୍ତି। ଟିକା ପାଇଁ ରେଜିଷ୍ଟ୍ରେଶନ ତ ଦୂରର କଥା ଅଗ୍ନି ବିପତ୍ତି ବେଳେ ଅଗ୍ନିଶମ ବିଭାଗକୁ ମଧ ଏସବୁ ଗ୍ରାମବାସୀ ଯୋଗାଯୋଗ କରିପାରୁ ନାହାନ୍ତି।

କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତର ଖୋଲାରେଗେଡ଼ା, ବାଲିଆମ୍ବ, ନୂଆଁବାଲିଖମଣ ଗ୍ରାମରେ ମୋବାଇଲ ନେଟ୍‌ୱର୍କ ନାହିଁ। ସେହିପରି କଣ୍ଟେଇକୋଳିଆ ପଞ୍ଚାୟତର ଅଁଳାବେରେଣି, ବାଲିଖମଣ, ହିଞ୍ଜିରିଡା, ଗୁଣ୍ଡୁରିଝରଣ, ରାଜନପାଳ, ଲକ୍ଷ୍ମୀପ୍ରିୟାପୁର, ବାଲିଆମ୍ବ ଏବଂ ଜାମୁନାଳୀ ପଞ୍ଚାୟତର ମଧୁପୁର, ଗୋଳାସର, ବାଦିବାହଲ, ଅଶ୍ରୁବାହଲ, ନଗାଝରଣ, ଖଣ୍ଡବର ଆଦି ଗ୍ରାମରେ ମୋବାଇଲ ନେଟ୍‌ୱର୍କ ଏବେ ବି ଅପହଞ୍ଚ ରହିଛି। ଫଳରେ ଏସବୁ ଅଞ୍ଚଳର ଲୋକେ ସରକାରଙ୍କ ପକ୍ଷରୁ ଏସ୍‌ଏମ୍‌ଏସ୍‌ରେ ଦିଆଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କିତ ସୂଚନା ଠିକ୍‌ଭାବେ ପାଇପାରୁ ନାହାନ୍ତି। ଜଙ୍ଗଲ ଅଧ୍ୟୁଷିତ ଏହି ଗ୍ରାମଗୁଡିକରେ ଅନେକ ଦିନମଜୁରିଆ ଅଛନ୍ତି। ସେମାନେ ଜବ୍ କାର୍ଡ କରିଥିବା ବେଳେ ମଜୁରି ଟଙ୍କା ଆକାଉଣ୍ଟକୁ ଆସିଲା କି ନାହିଁ ଜାଣିପାରୁନାହାନ୍ତି। ଏଥିପାଇଁ ଅଯଥାରେ ସେମାନଙ୍କୁ ୧୫ ରୁ ୨୦ କିଲୋମିଟର ଦୂର ବଇଣ୍ଡାସ୍ଥିତ ବ୍ୟାଙ୍କକୁ ଯିବାକୁ ପଡୁଛି। ସେହିପରି ଲିଙ୍କ୍ ନ ଥିବାରୁ ରାଶନକାର୍ଡଧାରୀମାନେ ଡିଲରଙ୍କ ସହ ମୋବାଇଲ୍ ଧରି ନିକଟସ୍ଥ ପାହାଡ ଉପରକୁ ଯାଉଛନ୍ତି। ସେଠାରେ ନେଟ୍‌ୱର୍କ ଆସୁଥିବାରୁ ଲିଙ୍କ୍ କରିବା ପରେ ଚାଉଳ, ଗହମ ପାଇପାରୁଛନ୍ତି। ସରକାର ଏବେ ପ୍ରତ୍ୟେକ ବ୍ୟବସ୍ଥାକୁ ଅନ୍‌ଲାଇନ ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଚାହୁଁଥିବାରୁ ଏହି ୧୭ ଗ୍ରାମବାସୀ ସେଥିରୁ ବାଦ୍ ପଡୁଛନ୍ତି। କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥରୁ ୧୫ କିଲୋମିଟର ଦୂରରେ ଥିବା ଏସବୁ ଗ୍ରାମବାସୀ ଜାମୁନାଳୀ ଠାରେ ଏକ ମୋବାଇଲ ଟାୱାର ବସାଇବାକୁ ୧୨ ମେ ୨୦୧୭ ଓ ୨୫ ଜୁନ ୨୦୧୯ରେ ଜିଲା ପ୍ରଶାସନ ଠାରୁ ଆରମ୍ଭ କରି ଟେଲିକମ୍ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି।

#### ଟେଲିକମ୍ ସଂସ୍ଥାଗୁଡ଼ିକୁ ଅବଗତ କରାଯିବ



“୩ ପଞ୍ଚାୟତର ୧୭ ଗ୍ରାମରେ କିଭଳି ମୋବାଇଲ ସେବା ପହଞ୍ଚିବ ସେ ନେଇ ବିଏସ୍‌ଏନ୍‌ଏଲ୍ ସହ ଟେଲିକମ ସଂସ୍ଥାଗୁଡ଼ିକୁ ଅବଗତ କରାଯିବ। ସରକାରଙ୍କ ପକ୍ଷରୁ ଏସ୍‌ଏମ୍‌ଏସ୍ ଦ୍ୱାରା ଦିଆଯାଉଥିବା ସମସ୍ତ ସୂଚନା କିପରି ଏଠାକାର ଲୋକେ ମୋବାଇଲ ଦ୍ୱାରା ପାଇପାରିବେ ସେ ଦିଗରେ ଦୃଷ୍ଟି ଦିଆଯିବ।

-ଶ୍ୟାମଳ କୁମାର ରାଏ, ବିଡିଓ, କିଶୋରନଗର

#### ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନାହିଁ



“ଜାମୁନାଳୀ ପଞ୍ଚାୟତର ଗୋଟିଏ ଗାଁକୁ ଛାଡିଦେଲେ ଅନ୍ୟ ଗ୍ରାମଗୁଡିକରେ ମୋବାଇଲ ନେଟ୍‌ୱର୍କ ଆସୁନି। ଲୋକଙ୍କ ନିକଟରେ ସରକାରଙ୍କ ଏସ୍‌ଏମ୍‌ଏସ୍ ପହଞ୍ଚୁ ନାହିଁ। ଏ ନେଇ ପଞ୍ଚାୟତ ପକ୍ଷରୁ ଜିଲା ପ୍ରଶାସନ ଠାରୁ ଆରମ୍ଭ କରି କେନ୍ଦ୍ର ଟେଲିକମ ମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଦୀର୍ଘଦିନ ଅପେକ୍ଷା ପରେ ମଧ ସୁଫଳ ମିଳୁନି।

-ସ୍ୱୟଂମ୍ବର ପ୍ରଧାନ, ସରପଞ୍ଚ, ଜାମୁନାଳୀ

#### ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ଅବହେଳା



“ଜଙ୍ଗଲ ଅଞ୍ଚଳରେ ଏହି ଗ୍ରାମଗୁଡିକ ଥିବାରୁ ସରକାରୀ ସ୍ତରରେ ଅବହେଳା କରାଯାଉଛି। ମୋବାଇଲ ନେଟ୍‌ୱର୍କ କି ଇଣ୍ଟରନେଟ୍ ସୁବିଧା ଲୋକଙ୍କୁ ମିଳୁନି। ବିଭିନ୍ନ ବିକାଶମୂଳକ କାର୍ଯ୍ୟ ମଧ ହୋଇପାରୁନାହିଁ। ଗ୍ରାମାଞ୍ଚଳରେ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ର ସ୍ଥାପନ ହୋଇପାରୁ ନାହିଁ।

-ଅଜୟ ସାହୁ, ଲକ୍ଷ୍ମୀପ୍ରିୟାପୁର

#### ୨ କିଲୋମିଟର ଯିବାକୁ ପଡୁଛି



“ଗ୍ରାମରୁ ୨ କିଲୋମିଟର ଦୂରକୁ ଗଲେ ମୋବାଇଲରେ ନେଟ୍‌ୱର୍କ ଆସୁଛି। ଜରୁରୀ କାର୍ଯ୍ୟ ପାଇଁ ଲୋକେ ସେଠାକୁ ଯାଇପାରୁଛନ୍ତି। ହେଲେ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ କ୍ଲାସ କରିପାରୁ ନାହାନ୍ତି। ତୁରନ୍ତ କିପରି ମୋବାଇଲ ଟାୱାର ବସାଯିବା ସେ ଦିଗରେ ପ୍ରଶାସନ ପଦକ୍ଷେପ ନେଲେ ସମସ୍ୟାର ସମାଧାନ ହୁଅନ୍ତା।

- ଅପି ଦେହୁରୀ, ଅଁଳାବେରେଣି

#### ଜରୁରୀ ସମୟରେ ଯୋଗାଯୋଗ ହେଉନି



“ନେଟ୍‌ୱର୍କ ନ ଥିବାରୁ ଜରୁରୀ ବେଳେ କାହାକୁ ଯୋଗାଯୋଗ କରିହେଉ ନାହିଁ। ବିଶେଷକରି ବିପଦ ସମୟରେ ଥାନା କି ଅଗ୍ନିଶମ ବିଭାଗକୁ ଫୋନ କରିହେଉ ନାହିଁ। ମଜୁରି ଅର୍ଥ ହେଉ କି ସବ୍‌ସିଡି, ଆକାଉଣ୍ଟକୁ ସରକାର ଟଙ୍କା ପଠାଇଛନ୍ତି କି ନାହିଁ ତାହା ଜାଣିହେଉ ନାହିଁ। ରାଶନ ସାମଗ୍ରୀ ପାଇଁ ମଧ ହଇରାଣ ହେବାକୁ ପଡୁଛି।

-ଶିବାନୀ ପ୍ରଧାନ, ଗୋଳାସର

## ୨ ଦିନରେ ଦିଆଯିବ ୨୩ ହଜାର ଟିକା

**ଅନୁଗୋଳ ଅଫିସ, ୨୦।୬**

ଅନୁଗୋଳ ଜିଲାରେ ଟିକାକରଣ ଆହୁରି ଜୋରଦାର ହେବାକୁ ଯାଉଛି। ଆସନ୍ତା ସୋମବାର ଓ ମଙ୍ଗଳବାର ୨ ଦିନରେ ଜିଲାର ୨୩ ହଜାର ଲୋକଙ୍କୁ ଟିକାଦାନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜିଲାର ସମସ୍ତ ବ୍ଲକ, ପୌରାଞ୍ଚଳର ମୋଟ୍ ୪୨ଟି କେନ୍ଦ୍ରରେ ଏହି ଟିକାକରଣ କରାଯିବ। ସୋମବାର ଟିକା ନେବାକୁ ଥିବା ୧୧ ହଜାର ୫ ଶହ ଲୋକଙ୍କ ମଧ୍ୟରୁ ୬ ହଜାର ୧୦୦ ଜଣ ଅନ୍‌ଲାଇନ୍‌ରେ ସ୍ଲଟ୍ ବୁକିଂ କରିଛନ୍ତି। ବାକି ୫ ହଜାର ୪୦୦ ଜଣଙ୍କ ପାଇଁ ଟିକାଦାନ କେନ୍ଦ୍ରରେ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି। ସେହିଭଳି ମଙ୍ଗଳବାର ମଧ ସମାନ ଢଙ୍ଗରେ ଅନ୍ୟମାନଙ୍କ ପଞ୍ଜୀକରଣ କରାଯିବ। ଅନୁଗୋଳ ଷ୍ଟାଡିୟମରେ ଟିକା ନେବାକୁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଥିବା ୧୨୦୦ ଯୁବତୀ ଯୁବକଙ୍କୁ ଟିକା ପ୍ରଦାନ କରାଯିବ। ଏହାପରେ ୫ଶହ ଲୋକଙ୍କୁ ଟୋକନ୍ ପ୍ରଦାନ କରାଯାଇ ଟିକାଦାନ କେନ୍ଦ୍ରରେ ପଞ୍ଜୀକରଣ ସହ ଟିକାକରଣ କରାଯିବ। ଜିଲାରେ ଅଧିକରୁ ଅଧିକ ଲୋକଙ୍କୁ କିଭଳି ଭାବେ ଏହି ସଞ୍ଜୀବନୀ ଦିଆଯିବ ସେ ନେଇ ପ୍ରୟାସ ଜାରି ରହିଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ସାପ କାମୁଡ଼ାରେ ମହିଳା ଗୁରୁତର

**ଛେଣ୍ଡିପଦା,୨୦।୬(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା ବହାଳସାହି ପଞ୍ଚାୟତ ମୁଣ୍ଡାମାଳସାହିର ସରସ୍ୱତୀ ସାହୁ ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସରସ୍ୱତୀ ଭୋରରୁ ମାମୁରିଆ ନିକଟସ୍ଥ ରୁଗୁଡିସାହି ଅଞ୍ଚଳରୁ ମହୁଲ ଫଳ ସଂଗ୍ରହ କରିବାକୁ ଯାଇଥିବାବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଅନୁଗୋଳ ସ୍ଥାନାନ୍ତର କରିଥିଲେ।

## ୫୫ ୟୁନିଟ୍ ରକ୍ତ ସଂଗ୍ରହ


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

**ଛେଣ୍ଡିପଦା,୨୦।୬(ସ୍ୱ.ପ୍ର.)**

ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ରବିବାର ଜରପଡା ପତିତପାବନ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ବିଜେଡି ସଭାପତି ଦୀନେଶ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ମୋଟ୍ ୫୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ବ୍ଲକ ପ୍ରତିନିଧି ନାରାୟଣ ସାହୁ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ଗଡନାୟକ, ହେମନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଉପସଭାପତି ସତ୍ୟବ୍ରତ ଦେହୁରୀ ଓ ବିଜୁ ଯୁବ ଜନତା ଦଳ ଛେଣ୍ଡିପଦା ବ୍ଲକ ସଭାପତି ଆଶିଷ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। କର୍ମକର୍ତ୍ତା ବିଜୟ ମାଝି, ବାଲୁଙ୍କେଶ୍ୱର ପ୍ରଧାନ, ସିଲୁ ପ୍ରଧାନ, ସୁନୀଲ ସାହୁ, ପରମା ବେହେରା, ବାଉରୀବନ୍ଧୁ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ୧୨୭ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୦।୬**

ଅନୁଗୋଳ ଜିଲାରୁ ରବିବାର ୧୨୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୩୯ ହଜାର ୬୮୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଣିଁରପାଳ ବ୍ଲକରୁ ସର୍ବାଧିକ ୨୮ ଜଣ, ଅନୁଗୋଳ ବ୍ଲକରୁ ୨୮, ଛେଣ୍ଡିପଦା ବ୍ଲକରୁ ୧୭, ତାଳଚେର ବ୍ଲକରୁ ୧୨, ଅନୁଗୋଳ ପୌରାଞ୍ଚଳରୁ ୧୦, ଆଠମଲ୍ଲିକ ବ୍ଲକରୁ ୧୦, କଣିହାଁ ବ୍ଲକରୁ ୬, ପାଲଲହଡ଼ା ବ୍ଲକରୁ ୫, କିଶୋରନଗର ବ୍ଲକରୁ ୫, ତାଳଚେର ପୌରାଞ୍ଚଳରୁ ୩ ଓ ଆଠମଲ୍ଲିକ ଏନ୍‌ଏସିରୁ ୩ ଜଣ ରହିଛନ୍ତି। ଚିହ୍ନଟ ହୋଇଥିବା ଲକ୍ଷଣଯୁକ୍ତ ସଂକ୍ରମିତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା କରୋନା ୱାର୍ଡ ଓ ୫୦ ଜଣଙ୍କୁ ତାଳଚେରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୨୮୨ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିବାରୁ ମୋଟ୍ ମୃତକଙ୍କ ସଂଖ୍ୟା ୧୬୦ରେ ପହଞ୍ଚିଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଜିଲାରେ ମା’ ବାପାଙ୍କୁ ହରାଇଛନ୍ତି ୪୦ ଶିଶୁ

**ଅନୁଗୋଳ ଅଫିସ, ୨୦।୬**

- ଚିହ୍ନଟ କରିବାକୁ ସିଡିପିଓମାନଙ୍କୁ ଦିଆଯାଇଛି ନିର୍ଦ୍ଦେଶ
- ମା’ କିମ୍ବା ବାପାଙ୍କୁ ହରାଇଛନ୍ତି ଶହେରୁ ଊର୍ଦ୍ଧ୍ୱ
- ଅସହାୟ ଥିଲେ ଆଦୃତରେ ହେବେ ଥଇଥାନ

ମହାମାରୀ କରୋନା ପାଇଁ ଅନୁଗୋଳ ଜିଲାରେ ୪୦ ଜଣ ଶିଶୁ ମା’ ବାପା ଛେଉଣ୍ଡ ହୋଇଛନ୍ତି। ଶହେରୁ ଊର୍ଦ୍ଧ୍ୱ ପିଲା ମା’ କିମ୍ବା ବାପା ଜଣଙ୍କୁ ହରାଇଛନ୍ତି। ଏପରି ଶିଶୁମାନଙ୍କୁ ଚିହ୍ନଟ କରିବା କାର୍ଯ୍ୟ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି। ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତ୍ୟକ ବ୍ଲକରେ ଥିବା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଙ୍ଗନୱାଡି, ଆଶା ଓ ଆଇସିଡିଏସ୍ ସୁପରଭାଇଜରମାନଙ୍କୁ ମଧ ଶିଶୁଙ୍କ ସମ୍ପର୍କରେ ଖବର ଦେବାକୁ ଅବଗତ କରାଯାଇଛି। ଏଥିସହ ବିଡିଓ ଏବଂ ତହସିଲଦାରମାନଙ୍କୁ କୋଭିଡ୍ ମୃତକଙ୍କ ତାଲିକା ପ୍ରଦାନ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ୨୦୨୦ ଏପ୍ରିଲରୁ ଅଦ୍ୟାବଧି ଜିଲାରେ ୪୦ ଜଣ ଶିଶୁ ଅନାଥ ସହ ଅତ୍ୟନ୍ତ ଅସହାୟ ଅବସ୍ଥାକୁ ଚାଲି ଆସିଛନ୍ତି। ଶହେରୁ ଅଧିକ ପିଲାଙ୍କ ମଧ୍ୟରୁ କିଏ ମା’କୁ ହରାଇଛନ୍ତି ଆଉ କିଏ ବାପାକୁ ହରାଇଛନ୍ତି। ଏ ସମସ୍ତଙ୍କୁ ଚିହ୍ନଟ କରାଯାଇ ସରକାରୀ ସୁବିଧା ଯୋଗାଇ ଦେବାକୁ ସ୍ପେଶାଲ ଡ୍ରାଇଭ ଆରମ୍ଭ କରାଯାଇଛି। ସେମାନଙ୍କ ଲାଳନ ପାଳନରେ ଯେଭଳି ଭାବେ ଅସୁବିଧା ନ ରୁହେ ସେ ନେଇ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ତୁରନ୍ତ ଆଦୃତ ଶିଶୁ ସଦନ ଗୃହରେ ରଖାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଏପରି ଅନାଥ ପିଲାଙ୍କ ପାଇଁ ‘ଆଶୀର୍ବାଦ’ ଯୋଜନା ଆରମ୍ଭ କରିଛନ୍ତି। କରୋନା ଏବଂ ଅଣ କରୋନାରେ ଉଭୟ ମା’ ବାପାଙ୍କୁ ହରାଇଥିବା ପିଲାଙ୍କୁ ମାସିକ ୨୫୦୦ ଟଙ୍କା ଓ କେବଳ ମା’ କିମ୍ବା ବାପାଙ୍କୁ ହରାଇଥିବା ପିଲାଙ୍କୁ ମାସିକ ୧୫୦୦ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଏଥିସହ ମଧୁବାବୁ ପେନ୍‌ସନ୍ ଯୋଜନା ସହ କେନ୍ଦ୍ର ସରକାରଙ୍କ ବାଳ ସ୍ୱରାଜ ପୋର୍ଟାଲରେ ନାମ ପଞ୍ଜୀକରଣ କରାଯାଉଛି। ସେମାନଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା କହିଛନ୍ତି, ଏଭଳି ଶିଶୁଙ୍କ ତଦାରଖ ଚାଲିଛି। ସମସ୍ତେ ଚିହ୍ନଟ ହେବା ପରେ ସରକାରଙ୍କ ଯୋଜନାରେ ସାମିଲ କରାଯିବ। ଯେଉଁ ଶିଶୁଙ୍କ ପରିବାର ଲୋକ ସେମାନଙ୍କୁ ରଖିବାକୁ ଅସହାୟ କିମ୍ବା ଅକ୍ଷମତା ପ୍ରକାଶ କରିବେ, ସେମାନଙ୍କୁ ଆଦୃତ ଶିଶୁ ସଦନ ଗୃହରେ ରଖାଯିବ।

## କୋଭିଡ୍ ନିରାକରଣ ଉପକରଣ ବଣ୍ଟନ

**ରାସୋଳ, ୨୦।୬(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ, ଇଣ୍ଡିଆ ଲିଟେରାସି ପ୍ରୋଜେକ୍ଟ ଏବଂ ଗିଭ୍ ଇଣ୍ଡିଆର ମିଳିତ ସହଯୋଗରେ ବୁଧବାର କୋଭିଡ୍ ନିରାକରଣ ଲାଗି ଆନୁଷଙ୍ଗିକ ଉପକରଣ ପ୍ରଦାନ କରାଯାଇଛି। ଅନୁଷ୍ଠାନର କର୍ମକର୍ତ୍ତାମାନେ ରାସୋଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ହିନ୍ଦୋଳ କୋଭିଡ୍ ପରିଚାଳନା କେନ୍ଦ୍ରରେ ରୋଗୀଙ୍କୁ ଗ୍ଲୋଭ୍ସ, ମାସ୍କ, ସାନିଟାଇଜର, କଫ୍ ସିରପ୍, ରକ୍ତଚାପ ମାପକ ଯନ୍ତ୍ର, ଅକ୍ସିମିଟର, ଥର୍ମୋମିଟର, ଭିଟାମିନ୍ ଔଷଧ, ଆଣ୍ଟିବାଇଓଟିକ୍ ଆଦି ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲାପାଳ ଉଦୟନାଥ ମହାପାତ୍ର, ଡାକ୍ତର ଦୟାନନ୍ଦ ପୃଷ୍ଟି, ସୁଧାଂଶୁ ଶେଖର ମିଶ୍ର, ଗୋଷ୍ଠୀ କାର୍ଯ୍ୟକ୍ରମ ସଂଯୋଜକ ରୁଦ୍ରନାରାୟଣ ନାଥ, କୋଭିଡ୍ ପରିଚାଳନା କେନ୍ଦ୍ର ଅଧିକାରୀ ଡା. ତପସ୍ୱିନୀ ମିଶ୍ର, ଜାତୀୟ ଭେକ୍ଟର ବାହିତ ରୋଗ ପରାମର୍ଶଦାତା ସୁନୀଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର ପାଳଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।


ଜଣେ ରୋଗୀଙ୍କୁ ଉପକରଣ ବଣ୍ଟନ କରାଯାଉଛି।

## ବିପର୍ଯ୍ୟୟ ମୁକାବିଲା ପାଇଁ ସାମୂହିକ ଅଭ୍ୟାସ

**ଅନୁଗୋଳ ଅଫିସ, ୨୦।୬**

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲାସ୍ତରୀୟ ଏକ ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ଅଧିକାରୀ ଓ କର୍ମକର୍ତ୍ତାଙ୍କ ସହଭାଗିତାରେ ଏହା ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ମୁଖ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କୋଭିଡ୍ ମହାମାରୀ ସମୟରେ ଏହି କାର୍ଯ୍ୟକୁ ଟେବୁଲ ଟପ୍ ଏକ୍ସରସାଇଜ୍ ମାଧ୍ୟମରେ ଆୟୋଜନ କରାଯାଇଥିଲା। ପାଣି ଘେରରେ ରହୁଥିବା ଲୋକଙ୍କୁ ଉଦ୍ଧାର, ରିଲିଫ ସାମଗ୍ରୀ ମହଜୁଦ ରଖିବା, ଯନ୍ତ୍ର ଚାଳିତ ଡଙ୍ଗାକୁ ବନ୍ୟାପ୍ଲାବିତ ଅଞ୍ଚଳରେ ନିୟୋଜିତ କରିବା, ବାତ୍ୟା, ବନ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବା, ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ବିଭିନ୍ନ ଔଷଧ ମହଜୁଦ୍ ରଖିବା ଦିଗରେ ଧ୍ୟାନ ଦେବାକୁ କୁହାଯାଇଥିଲା। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଜରୁରିକାଳୀନ ଅଧିକାରୀ ବଇଦୁରା ଦୀପ୍ ଜିଲାର ସମସ୍ତ ଅଧିକାରୀଙ୍କ ସହ ସମନ୍ୱୟ ଓ ସହଯୋଗ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଜିଲା ପରିଯୋଜନା ଅଧିକାରୀ ପ୍ରଦୋଷ କୁମାର ଶତପଥୀ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ କାର୍ଯ୍ୟାଳୟଙ୍କ ସହିତ ଯୋଗାଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

## ୧୦ ଡାକ୍ତର ନିଯୁକ୍ତ

**ଅନୁଗୋଳ ଅଫିସ,୨୦।୬**

ଅନୁଗୋଳ ଜିଲାରେ ଆଉ ୧୦ ବିଶେଷଜ୍ଞ ଡାକ୍ତରଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ରଞ୍ଜନ କୁମାର ସାହୁଙ୍କୁ ତାଳଚେର, ଭେଷଜ ବିଶେଷଜ୍ଞ ଡାକ୍ତର ନିତା ବାଗ୍ଟିଙ୍କୁ ପାଲଲହଡ଼ା, ଡାକ୍ତର ଟି. ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କୁ ତାଳଚେର, ଶଲ୍ୟ ବିଶେଷଜ୍ଞ ଡାକ୍ତର ବନମାଳି ନାୟକଙ୍କୁ ପାଲଲହଡ଼ା, ଡାକ୍ତର ମହିତୋଷ ପାଣିଙ୍କୁ ଆଠମଲ୍ଲିକ, ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ରତି ରଞ୍ଜନ ମହନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ, ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର କୁମାର ସିଦ୍ଧାର୍ଥଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର କୃତିବାସ ସୁବୁଦ୍ଧିଙ୍କୁ ତାଳଚେର, ଶିଶୁରୋଗ ବିଶେଷଜ୍ଞ ଭରତ ଏନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଦନ୍ତରୋଗ ବିଶେଷଜ୍ଞ ଡାକ୍ତର ଅଭିଜିତ୍ ପଣ୍ଡାଙ୍କୁ ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନାରେ ନିଯୁକ୍ତି ମିଳିଛି।

